# ପିଲାମାନଙ୍କ ପାଇଁ ବାଇବଲ

ଉପହାର



## ଦାଉଦ ରାଜା

## (ଦ୍ୱୀତୀୟ ଭାଗ)

ଲେଖକ: Edward Hughes
ଦୃଷ୍ଟାନ୍ତ: Lazarus
ଉପଯୋଜକ: Ruth Klassen
ଅନୁବାଦକ: Prasanta Bhuyan
ପ୍ରଯୋଯୋକ: Bible for Children
www.M1914.org

BFC
PO Box 3
Winnipeg, MB R3C 2G1
Canada

©2015 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଦାଉଦ ଦକ୍ଷିଣ ଇସ୍ରାଏଲ, ଯିହୁଦାର ରାଜା
ଥିଲେ । କିନ୍ତୁ ବାକି ସମସ୍ତ ଇସ୍ରାଏଲ୍ ଶାଉଲଙ୍କ
ପୁତ୍ର ଇଶବୋଶତଙ୍କ ଅଧିନରେ ଥିଲା,
ସେ ତାହାର ରାଜା ଥିଲା ।
ସେହିସମୟରେ ସାତବର୍ଷ
ପର୍ଯ୍ୟନ୍ତ ଯୁଦ୍ଧ ହେଲା, ଓ
ଦାଉଦ ବେଳକୁ ବେଳ
ବଳବାନ୍ ହେବାକୁ
ଲାଗିଲେ ।



ପରିଶେଷରେ ରାଜା ଇଶବୋଶତ ନିଜର ଦୁଇଟି ସୈନିକମାନଙ୍କ ଦ୍ୱାରା ମାରାଗଲେ ।



ତାହାପରେ ଇସ୍ରାଏଲର ସମସ୍ତ ଗୋଷ୍ଠି ଦାଉଦଙ୍କ ନିକଟକୁ ଆସି ତାହାଙ୍କୁ ଇସ୍ରାଏଲର ରାଜା ଭାବରେ ଅଭିଶିକ୍ତ କଲେ । ପରିଶେଷରେ ଦାଉଦ ସମସ୍ତ ଇସ୍ରାଏଲ୍ ଦେଶ ଉପରେ ରାଜାହେଲେ ।



ରାଜା ଦାଉଦଙ୍କର ପ୍ରଥମ କାର୍ଯ୍ୟ ଥିଲା ଯିରୁଶାଲମକୁ ଅକ୍ତିଆର କରିବା । ପରେ ଏହା ଦାଉଦ ନଗର ଭାବରେ ଖ୍ୟାତି ଲାଭକଲା । ସେ ଏହାକୁ ଶତ୍ରୁମାନଙ୍କ ବିରୁଦ୍ଧରେ ଅତ୍ୟଧିକ ଶକ୍ତକରି ଗଢ଼ିଲେ । ଯିରଶାଲମରୁ, ଦାଉଦଙ୍କ ସୈନ୍ୟ ପଲେଷ୍ଟିୟମାନଙ୍କୁ ଓ ଇସ୍ରାଏଲର ଅନ୍ୟ ଶତ୍ରୁମାନଙ୍କୁ ଜୟ କରିବାକୁ ଗଲେ ।



ତାହାପରେ, ରାଜା ଦାଉଦ

ଯୀରିଶାଲମକୁ ଯୀରୁଶାଲମକୁ ନିୟମ

ସିନ୍ଦୁକ ଆଣିଲେ । ନିୟମ ସନ୍ଦୁକ

ଭିତରେ ଦଶ ଆଜ୍ଞାର ନକଲ କପି ଥିଲା

ଏବଂ ଅନ୍ୟ ନିୟମଗୁଡ଼ାକ ଯାହା

ସଦାପ୍ରଭୁ ମୋଶାଙ୍କୁ ଦେଇଥିଲେ ।

ସେହି ନିୟମ ସିନ୍ଦୁକ ଇସ୍ରାଏଲୀୟ

ମାନଙ୍କୁ ସଦାପ୍ରଭୁଙ୍କ ପବିତ୍ର ଓ

ସେମାନେ ଯେ ସଦାପ୍ରଭୁଙ୍କର

ଆଜ୍ଞାବହ ହେବାକୁ

ମନେପକାଇଦିଏ ।





ଦାଉଦଙ୍କ ରାଜ୍ୟକରିବା ଆରମ୍ଭରେ
ତାଙ୍କୁ ଅନେକ ଦେଶ ସହିତ ଯୁଦ୍ଧ
କରିବାକୁ ପଡ଼ିଲା । ସେ ଏକ ବୁଦ୍ଧିମାନ୍
ସୌନ୍ୟ ଥିଲେ ଏବଂ ନମ୍ରଲୋକ ଯେ
ସଦାପ୍ରଭୁଙ୍କୁ ଅନୁଗ୍ରହ ନିମନ୍ତେ
ପ୍ରାର୍ଥନା କଲେ ।



ଦାଉଦ ସୁନ୍ଦର ଅଟାଳିକାରେ
ରହିଲେ ମାତ୍ର ସଦାପ୍ରଭୁଙ୍କ ନିୟମ
ସିନ୍ଦୁକ ଏକ ତମ୍ବୁରେ ରଖାଗଲା,
ଏହା ଦାଉଦଙ୍କୁ ବ୍ୟସ୍ଥକଲା ।
ଦାଉଦ ଏକ ଗୃହ ନିର୍ମାଣ
କରିବାକୁ ମନସ୍ତ କଲେ ।
ନାଥାନ୍, ଯେ ଭବିଷ୍ୟତବକ୍ତା
ଥିଲେ ସେ ମଧ୍ୟ
ତାଙ୍କ ଯୋଜନାରେ
ସହମତ ହେଲେ ।



ସେହି ରାତ୍ରୀରେ ସଦାପ୍ରଭୁ
ଦାଉଦଙ୍କ ନିକଟକୁ ତାଙ୍କ ସମ୍ବାଦ ପ୍ରେରଣ
କଲେ । ମୋହର ଦାସ ଦାଉଦ, ସଦାପ୍ରଭୁ ନିଜେ ଏକ ଗୃହ ନିର୍ମାଣ କରିବେ ମାତ୍ର ତୁମ୍ଭ
ହାତରେ ନୁହେଁ, ତୁମ୍ଭର ମୃତୁ ପରେ ତୁମ୍ଭର ପୁତ୍ର ଯେ ତୁମ୍ଭସ୍ଥାନରେ ରାଜା ହେବ ସେ ମୋ
ନାମରେ ଏକ ଗୃହ ନିର୍ମାଣ କରିବ । ତାଙ୍କ ରାଜତ୍ୱ ଚିରକାଳ ସ୍ଥାୟୀ ହେବ ।

ଶାଉଲଙ୍କ ପରବାର ମଧ୍ୟରୁ ବଞ୍ଚିଥିବା ଲୋକମାନଙ୍କୁ ଦାଉଦ
ସାହାଯ୍ୟ କରିବାକୁ ଚହିଁଲେ । ସେ କେବଳ ଯୋନାଥନର ପୁତ୍ରଙ୍କୁ
ପାଇଲେ, ମଫୀବୋଶତ୍ ଯେ କି ଛୋଟା ଥିଲେ । ଦାଉଦ
କହିଲେ, ସେ ମୋ ମେଜରେ ବସି ଅନ୍ୟ
ରାଜପୁତ୍ର ମାନଙ୍କ ସମ ଭୋଜନ କରିବ ।
ଯୋନାଥନ ଦାଉଦଙ୍କ ଉତ୍ତମ ବନ୍ଧୁ
ଥିବାରୁ ସେ ମଫୀବୋଶତକୁ
ଦୟା କଲେ ।





ଯେତେସମୟ ପର୍ଯ୍ୟନ୍ତି ଦାଉଦ ସଦାପ୍ରଭୁଙ୍କ
ଉପରେ ନିର୍ଭର କଲେ ଓ ତାଙ୍କ ଆଜ୍ଞା ମାନିଲେ,
ସେହିପରି ସଦାପ୍ରଭୁ ଦାଉଦଙ୍କୁ ସଫଳ ହେବାକୁ
ସାହାଯ୍ୟ କଲେ । କିନ୍ତୁ ଦିନକର ଘଟନା,
ଦାଉଦଙ୍କ ଜୀବନରେ ଏକ ଭୟଙ୍କର ଦୁଃଖ
ଆସିଲା । ସେ ତାଙ୍କ ସୌନ୍ୟଦଳକୁ  ବାହାରେ
ଯୁଦ୍ଧ କରିବାକୁ ପଠାଇଲେ, ମାତ୍ର ସେ
ଯିରୁଶାଲମରେ ରହିଲେ ।



ଏକ ରାତ୍ରୀରେ, ସେ
ଶୋଇପାରିଲେ ନାହିଁ ତେଣୁ
ସେ ରାଜଗୃହର ଛାତ ଉପରେ
ବୁଲିବା ସମୟରେ ନଗର
ଆଡ଼େ ଅନାଇ ଦେଖିଲେ ।

ଦାଉଦ ଏକ ସୁନ୍ଦରି ସ୍ତ୍ରୀ ସ୍ନାନ କରୁଥିବା ଦେଖିଲେ । ତାହାର ନାମ ବେତ୍‌ଶେବା ଥିଲା । ଦାଉଦ ତାଙ୍କ ସହିତ ପାପ କଲେ ଯଦ୍ୟପି ତାଙ୍କ ସ୍ୱାମି, ଉରିୟ, ସେ ଦାଉଦଙ୍କ ବାହାଦୁର୍ ସୌନ୍ୟମାନଙ୍କ ମଦ୍ୟରୁ ଜଣେ ଥିଲେ । ଯେତେବେଳେ ବତ୍‌ଶେବା ସେ ଯେ ସନ୍ତାନ ଜନ୍ମ ଦେବାକୁ ଯାଉଛନ୍ତି ତାହା ଜଣାଇଲେ । ଦାଉଦ ଜାଣିଥିପାରିଲେ ତାଙ୍କର ପାପ ତାଙ୍କ ନିମନ୍ତେ ସମସ୍ୟାର କାରଣ ଅଟେ ।







ସେ ସଦାପ୍ରଭୁଙ୍କ ଆଗରେ ନିଜକୁ ନମ୍ର କଲାନାହିଁ ମାତ୍ର ତାହା ବଦଳରେ ସେ ସେହି ପାପକୁ ଢାଙ୍କି ରଖିବାକୁ ଚେ଼ଷ୍ଟାକଲେ । ତାହା କଦାପି ହୁଏନାହିଁ । ସେ ଉରିୟକୁ ଯୁଦ୍ଧକ୍ଷେତ୍ରରୁ ନିଜ ଗୃହକୁ ପଠାଇବା ଉଦ୍ଦେଶ୍ୟରେ ଡାକିଲେ । ଯେପରି ଉରୟ ସେହି ଜନ୍ମନେବାକୁ ଯାଉଥିବା ସନ୍ତାନଟି ମୋହର ଭାବିବେ । କିନ୍ତୁ ଯୁଦ୍ଧ ସମୟରେ ସେ ନିଜ ଗୃହକୁ ଯିବେନାହିଁ ବୋଲି ଉରିୟ କହିଲେ । ଉରିୟ ରାଜାଙ୍କ ଦ୍ୱାର ପାଖରେ ଶୋଇଗଲେ ।

ତେଣୁ ଦାଉଦ ତାହାଠାରୁ ମଧ୍ୟ
ଅତ୍ୟଧିକ ଦୁଷ୍ଟତାର କାର୍ଯ୍ୟ କଲେ ।
ସେ ଉରିୟଙ୍କୁ ଫେରି ଯୁଦ୍ଧକ୍ଷେତ୍ରକୁ ଏକ
ପତ୍ରସହ ପଠାଇଲେ । ସେହି ପତ୍ର
ସେନାଧିକ୍ଷଙ୍କ ନିମନ୍ତେ ଏକ ଆଜ୍ଞା,
ଯୁଦ୍ଧକ୍ଷେତ୍ରରେ ଉରିୟର ମୃତୁ ହେବା
ଆବଶ୍ୟକ । ଯେତେବେଳେ ଉରିୟ
ମରିଗଲେ, ଦାଉଦ ବତଶେବାକୁ
ନିଜର ସ୍ତ୍ରୀ କରି ନେଇଗଲେ ।





ଦାଉଦଙ୍କୁ ତାଙ୍କର ପାପ ଦାଖାଇବା
ନିମନ୍ତେ ସଦାପ୍ରଭୁ ନିଜର ଏକ ଦାସ,
ନାଥାନ୍‌ଙ୍କୁ ପ୍ରେରଣ କଲେ । ନାଥାନ୍
ଦାଉଦଙ୍କୁ ଜଣେ ଧନୀ ଓ ଦରିଦ୍ର
ଲୋକ ବିଷୟରେ ଏକ କାହାଣି
କହିଲେ । ଧନୀଲୋକଙ୍କ ପାଖରେ
ପ୍ରଚୁର ଗୋମେଷାଦି ପଲ ଥିଲେ ।
କିନ୍ତୁ ସେହି ଦରିଦ୍ର ଲୋକଙ୍କ
ପାଖରେ ମାତ୍ର ଗୋଟିଏ ଛୋଟିଆ
ମେଷବତ୍ସ୍ୟା ଥିଲା, ତାହା ଲୋକର
କନ୍ୟା ତୁଲ୍ୟ ଥିଲା ।

ଯେତେବଳେ ଏକ ଯାତ୍ରୀ ସେହି ଧନୀଲୋକ ନିକଟକୁ ଆସିଲେ, ସେହି ଧନୀ ଲୋକକୁ ଖୁଆଇବାକୁ ନିଜ ପଲରୁ ନେବାକୁ କୁଣ୍ଠିତ ହେଲା, ବଦଳରେ ସେ ସେହି ଦରିଦ୍ର ଲୋକର ମେଷବତ୍ସାଟିକୁ ନେଇ ମାରିଲା ।





ଏଥିରେ ସେହି ଧନୀଲୋକର ସ୍ୱାର୍ଥପରତା
ଦେଖି ତାଙ୍କ ପ୍ରତିକୂଳରେ ଦାଉଦଙ୍କ କ୍ରୋଧ
ପ୍ରଜ୍ୱଳିତ ହେଲା । ଯେଉଁ ବ୍ୟକ୍ତି ଏହା କରିଅଛି
ସେ ନିଶ୍ଚିତ ମରିବ । ଦାଉଦ କହିଲେ ।

ତୁମ୍ଭେ ସେହି ଲୋକ, ନିର୍ଭିକ ନାଥାନ୍ ଦାଉଦଙ୍କୁ କହିଲେ । କାହାଣିରେ ଧନୀଲୋକ କରିଥିବା କାର୍ଯ୍ୟ ଅପେକ୍ଷା ଦାଉଦଙ୍କର କାର୍ଯ୍ୟ ଅତି ଗୁରୁତର ଥିଲା ।





ସଦାପ୍ରଭୁ ଦାଉଦଙ୍କୁ ଦେଖାଇଲେ ଯେ ସେ କିପ୍ରକାର ଦୁଷ୍ଟ ଅଟନ୍ତି । ଦାଉଦ ନିଜ ପାପ ନିମନ୍ତେ ଦୁଃଖିତ ହେଲେ । ସେ ସଦାପ୍ରଭୁଙ୍କୁ କହିଲେ, ମୁଁ ଏହି ଖରାପ କାର୍ଯ୍ୟକରି ତୁମ୍ଭ ବିରୁଦ୍ଧରେ ପାପ କରିଅଛି । ସଦାପ୍ରଭୁ ଦାଉଦଙ୍କ ପାପ କ୍ଷମାକଲେ । କିନ୍ତୁ ବତ୍‌ଶେବାର ପୁତ୍ର ଅତି ଅସୁସ୍ଥ ଥିଲେ, ସେ ଜନ୍ମ ହେବାର କେତେଦିନ ପରେ ମରିଗଲା ।

ଭୟାନକ ପାପ ସତ୍ତ୍ୱେ ସଦାପ୍ରଭୁ ଦାଉଦଙ୍କୁ କ୍ଷମା କଲେ । ତାହାପରେ ବତ୍‌ଶେବାଙ୍କର ଅନ୍ୟ ଏକ ସନ୍ତାନ ଜାତ ହେଲା, ଶଲୋମନ, ଯେ କି ଦାଉଦଙ୍କ ଉତ୍ତାରେ ଏକ ମହାନ ରାଜା ହେବେ । କିନ୍ତୁ ଦାଉଦ ରାଜାଙ୍କର ଅନେକ ମନ୍ତାନ ଥିଲେ, କେତେକ ରାଜାଙ୍କ ନିମନ୍ତେ ଅତ୍ୟଧିକ ଦୁଃଖ ଆଣିଲେ ।



ଦାଉଦ ରାଜା (ଦ୍ୱୀତୀୟ ଭାଗ)

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଦ୍ୱିତୀୟ ଶାମୁୟେଲ ୧-୧୨

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚ଼ାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚ଼ିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚ଼ିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬